# NATIONAL NEWS BULLETIN (ODIA)

## 04th March' 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ପଶ୍ଚିମ ଏସିଆ ଅଞ୍ଚଳରେ ଭାରତୀୟଙ୍କ ସୁରକ୍ଷା ନେଇ କୁଏତ୍, କାତାର ଏବଂ ଓମାନର ଶୀର୍ଷ ନେତୃତ୍ୱଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ।
- ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତୀୟ ବିମାନସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକ ପକ୍ଷରୁ ଆଜି ୫୮ଟି ଉଡ଼ାଣର ଯୋଜନା ।
- ପଞ୍ଚମ ଦିନରେ ପହଞ୍ଚିଛି ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ।

— ତେହେରାନ୍‌ର ପରମାଣୁ କ୍ଷେତ୍ର ଉପରେ ଇସ୍ରାଏଲ୍ ଓ ଆମେରିକାର ମିଳିତ ଆକ୍ରମଣ ।

- ଦେଶବ୍ୟାପୀ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି ରଙ୍ଗର ପର୍ବ ହୋଲି ।

— ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ।

ଏବଂ

- ପୁରୁଷ ବର୍ଗ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାରେ ଆଜିଠାରୁ ଆରମ୍ଭ ହେଉଛି ସେମିଫାଇନାଲ୍ ପର୍ଯ୍ୟାୟ ମ୍ୟାଚ୍ ।

## ପି.ଏମ୍. - କୁଏତ୍, କାତାର, ଓମାନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତକାଲି କୁଏତ୍‌ର ଯୁବରାଜ ଶେଖ୍ ସବା ଅଲ୍-ଖାଲେଦ୍ ଅଲ୍ ହମଦ୍ ଅଲ୍-ମୁବାରକ ଅଲ୍-ସବାଙ୍କ ସହ ସାମ୍ପ୍ରତିକ ଯୁଦ୍ଧ ପରିସ୍ଥିତି ନେଇ ଆଲୋଚନା କରିଛନ୍ତି । କୁଏତ୍‌ର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାର ଉଲ୍ଲଙ୍ଘନକୁ ଶ୍ରୀ ମୋଦି ନିନ୍ଦା କରିଛନ୍ତି । ଆଞ୍ଚଳିକ ଶାନ୍ତି ଏବଂ ସ୍ଥିରତାପାଇଁ ପାରସ୍ପରିକ ଆଲୋଚନା ଓ କୂଟନୈତିକ ମାଧ୍ୟମ ଉପରେ ଶ୍ରୀ ମୋଦି ଗୁରୁତ୍ୱାରୋପ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ କୁଏତ୍‌ରେ ଥିବା ଭାରତୀୟ ସମ୍ପ୍ରଦାୟଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ନେଇ ସେଠାକାର ସରକାର ଗ୍ରହଣ କରିଥିବା ପଦକ୍ଷେପ ଉପରେ ଶ୍ରୀ ମୋଦି ପ୍ରଶଂସା କରିଛନ୍ତି ।

କତାର୍‌ର ଅମୀର ଶେଖ ତମିନ୍ ବିନ୍ ହମାଦ୍ ଅଲ୍ ଥାନିଙ୍କ ସହ ମଧ୍ୟ କଥାବାର୍ତ୍ତାବେଳେ ଶ୍ରୀ ମୋଦି' ଏଭଳି ଆହ୍ୱାନପୂର୍ଣ୍ଣ ସମୟରେ ଭାରତ' କତାର ସପକ୍ଷରେ ଅଛି ବୋଲି କହିଛନ୍ତି । ସେଠାକାର ଭାରତୀୟ ସମ୍ପ୍ରଦାୟଙ୍କ

ପ୍ରତି ନିରନ୍ତର ସମର୍ଥନ ପ୍ରକାଶ କରୁଥିବାରୁ ଶ୍ରୀ ମୋଦି କୃତଜ୍ଞତା ଜ୍ଞାପନ କରିଛନ୍ତି ।

ଓମାନର ସୁଲ୍‌ତାନ' ସୁଲ୍‌ତାନ ହାଇଥାମ୍ ବିନ୍ ତାରିକଙ୍କ ସହ ମଧ୍ୟ ଟେଲିଫୋନ୍ ମାଧ୍ୟମରେ କଥାବାର୍ତ୍ତାବେଳେ ପ୍ରଧାନମନ୍ତ୍ରୀ ପଶ୍ଚିମ ଏସିଆ ସାମ୍ପ୍ରତିକ ପରିସ୍ଥିତି ନେଇ ମତ ବିନିମୟ କରିଛନ୍ତି । କୂଟନୀତି ମାଧ୍ୟମରେ ଆହ୍ୱାନର ସମାଧାନ ନେଇ ଉଭୟ ପକ୍ଷ ସହମତ ହୋଇଥିବାବେଳେ ସେଠାକାର ଭାରତୀୟ ସମ୍ପ୍ରଦାୟଙ୍କ ପ୍ରତି ଓମାନ୍‌ର ନିରନ୍ତର ସହଯୋଗକୁ ଶ୍ରୀ ମୋଦି ପ୍ରଶଂସା କରିଛନ୍ତି ।

## ୱେଷ୍ଟ ଏସିଆ ଫ୍ଲାଇଟ୍‌ସ୍

ପଶ୍ଚିମ ଏସିଆର କେତେକ ଅଞ୍ଚଳରେ ବୃଦ୍ଧି ପାଉଥିବା ଉତ୍ତେଜନା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତୀୟ ବିମାନ ସେବା କମ୍ପାନୀଗୁଡ଼ିକ ପକ୍ଷରୁ ୧ ହଜାର ୨ ଶହରୁ ଅଧିକ ବିମାନ ଉଡ଼ାଣକୁ ବାତିଲ୍ କରାଯାଇଛି । ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ଅଟକି ରହିଥିବା ଯାତ୍ରୀଙ୍କ ଯାତାୟତକୁ ସହଜ କରିବାପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି । ଆବଶ୍ୟକସ୍ଥଳେ ବିମାନ ସେବା ପ୍ରଦାନକାରୀ ସଂସ୍ଥା ଅତିରିକ୍ତ

କ୍ଷମତା ଉପଯୋଗ ମାଧ୍ୟମରେ ଯାତ୍ରୀଙ୍କ ସହଜ ଯାତାୟତକୁ ସୁନିଶ୍ଚିତ କରୁଛନ୍ତି । ଆଜି ୫୮ଟି ଉଡ଼ାଣର ଯୋଜନା କରାଯାଇଛି । ସେଥିମଧ୍ୟରେ ଇଣ୍ଡିଗୋ ପକ୍ଷରୁ ୩୦ଟି ଏବଂ ଏୟାର ଇଣ୍ଡିଆ ଓ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ପକ୍ଷରୁ ୨୩ଟି ଉଡ଼ାଣ ଅନ୍ତର୍ଭୁକ୍ତ । ମନ୍ତ୍ରଣାଳୟ କହିଛି, ଭାରତର ବିମାନସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକ ସେମାନଙ୍କର ଉଡ଼ାଣ ସମୟସୂଚୀରେ ଏକକାଳୀନ ସଂଶୋଧନ କରିଛନ୍ତି । ପ୍ରତିବନ୍ଧିତ ଆକାଶମାର୍ଗକୁ ଏଡ଼ାଇ ବିକଳ୍ପ ଆକାଶପଥ ମାଧ୍ୟମରେ ସେବା ଯୋଗାଇ ଦେବାକୁ କମ୍ପାନୀଗୁଡ଼ିକ ପକ୍ଷରୁ ପ୍ରୟାସ ଜାରି ରହିଛି ବୋଲି ମନ୍ତ୍ରଣାଳୟ କହିଛି । ସେବା ପ୍ରଦାନକାରୀ ବିମାନ କମ୍ପାନୀଗୁଡ଼ିକ ସହିତ ମନ୍ତ୍ରଣାଳୟ ଯୋଗାଯୋଗରେ ରହିଥିବା ସହିତ ଟିକେଟ୍ ମୂଲ୍ୟରେ ଅଯଥା ବୃଦ୍ଧିକୁ ରୋକିବାପାଇଁ ପଦକ୍ଷେପ ନିଆଯାଉଛି । ଯାତ୍ରୀଙ୍କ ସହିତ ନିରନ୍ତର ଯୋଗାଯୋଗ ଏବଂ ଅର୍ଥ ଫେରସ୍ତ, ପୁନଃ ନିର୍ଦ୍ଧାରିତ ଉଡ଼ାଣ ଏବଂ ଯାତ୍ରୀ ସହାୟତା ସମ୍ବନ୍ଧୀୟ ନିୟମାବଳୀ ପାଳନ ଉପରେ ମନ୍ତ୍ରଣାଳୟ ଗୁରୁତ୍ୱ ପ୍ରଦାନ କରିଛି । ବିମାନ ଯାତ୍ରା ପୂର୍ବରୁ ସମ୍ପୃକ୍ତ ସେବାପ୍ରଦାନକାରୀ କମ୍ପାନୀ ଏବଂ ସରକାରଙ୍କଦ୍ୱାରା ସୂଚିତ ତଥ୍ୟ ଉପରେ ଗୁରୁତ୍ୱ ଦେବାକୁ ମନ୍ତ୍ରଣାଳୟ ଯାତ୍ରୀଙ୍କୁ ପରାମର୍ଶ ଦେଇଛି ।

# ୱେଷ୍ଟ ଏସିଆ କନ୍‌ଫ୍ଲିକ୍ଟ

ଇସ୍ରାଏଲ୍ ଓ ଆମେରିକାର ମିଳିତ ସେନା ପକ୍ଷରୁ ତେହେରାନ୍‌ର ପରମାଣୁ କ୍ଷେତ୍ର ଉପରେ ଆକ୍ରମଣ କରାଯାଇଛି । ପଶ୍ଚିମ ଏସିଆରେ ସଂଘର୍ଷ ପଞ୍ଚମ ଦିନରେ ପହଞ୍ଚିଛି । ଇରାନ୍ ପକ୍ଷରୁ ମଧ୍ୟ ବିଭିନ୍ନ ଅଞ୍ଚଳରେ ଡ୍ରୋନ୍ ଆକ୍ରମଣ କରାଯାଇଛି । ଇସ୍ରାଏଲ୍ କହିଛି, ଆକ୍ରମଣ ଆରମ୍ଭ ହେବା ଦିନଠାରୁ ବାୟୁସେନା ପ୍ରାୟ ୩ ଶହ ଇରାନୀ କ୍ଷେପଣାସ୍ତ୍ରକୁ ପ୍ରତିହତ କରିଛି । ଇସ୍ରାଏଲୀ ବାୟୁସେନା ଇରାନ୍‌ର ବାଲିଷ୍ଟିକ୍ କ୍ଷେପଣାସ୍ତ୍ରଗୁଡ଼ିକୁ ବାୟୁ ପ୍ରତିରକ୍ଷା ପ୍ରଣାଳୀ ମାଧ୍ୟମରେ ନିଷ୍କ୍ରିୟ କରିଛି । ଲେବାନନ୍‌ରେ ଇସ୍ରାଏଲ୍ ପକ୍ଷରୁ ଆକାଶମାର୍ଗରୁ ଆକ୍ରମଣକୁ ଅଧିକ ତୀବ୍ର କରାଯିବା ସହିତ ହିଜବୁଲ୍ଲାର ୬୦ଟି ଲକ୍ଷ୍ୟସ୍ଥଳକୁ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି ।

ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ସତ୍ୟ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଅପରେସନ୍ 'ଏପିକ୍‌ଫ୍ୟୁରି' ଉପରେ ଆଲୋକପାତ କରି କହିଛନ୍ତି, ପଶ୍ଚିମ ଏସିଆ ଅଞ୍ଚଳରୁ ୨ ହଜାରରୁ ଅଧିକ ଆମେରିକୀୟ ସୈନିକ ସ୍ୱଦେଶକୁ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

ଅନ୍ୟପକ୍ଷରେ ଇରାନ୍ ପଶ୍ଚିମ ଏସିଆର ବିଭିନ୍ନ ଦେଶ ଉପରେ ଆକ୍ରମଣ ଜାରି ରଖିଛି । ଇରାନ୍‌ର ବୈଦେଶିକ ମନ୍ତ୍ରୀ ସୟଦ ଆବାସ ଅର୍ଘାଚୀ ଅଭିଯୋଗ କରି କହିଛନ୍ତି, ଆମେରିକା ଇଚ୍ଛାମୁତାବକ୍ ଏଭଳି ଯୁଦ୍ଧ ପରିସ୍ଥିତି ସୃଷ୍ଟି କରିଛି, ଯେଉଁଠାରେ କି ଇରାନ୍ ପକ୍ଷରୁ କେବେ ବି ବିପଦ ନ ଥିଲା ।

## ସି.ବି.ଏସ୍.ଇ. - ୱେଷ୍ଟ ଏସିଆ

ପଶ୍ଚିମ ଏସିଆ ଅଞ୍ଚଳରେ ଆସନ୍ତାକାଲି ଏବଂ ଶୁକ୍ରବାର ଦିନ ହେବାକୁ ଥିବା ସି.ବି.ଏସ୍.ଇ. ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାକୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ ସ୍ଥଗିତ ରଖିଛି । ସଂଶୋଧିତ ତାରିଖ ପରେ ଘୋଷଣା କରାଯିବ । ଆସନ୍ତାକାଲି ପରିସ୍ଥିତିର ସମୀକ୍ଷା ପରେ ମାର୍ଚ୍ଚ ୭ ତାରିଖରେ ହେବାକୁ ଥିବା ପରୀକ୍ଷା ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ବୋର୍ଡ଼ କହିଛି ।

## ହୋଲି

ରଙ୍ଗର ପର୍ବ ହୋଲି ଆଜି ଦେଶବ୍ୟାପୀ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି । ପାପ ଉପରେ ପୁଣ୍ୟର ବିଜୟ ଏବଂ ବସନ୍ତ ଋତୁର ଆରମ୍ଭକୁ ଏହି ପର୍ବ ସୂଚିତ କରୁଛି । ଜାତି-ଧର୍ମ-ବର୍ଣ୍ଣ-ବୟସ-ଲିଙ୍ଗ ନିର୍ବିଶେଷରେ ସମାଜର ସବୁ ବର୍ଗ' ହୋଲି ପର୍ବକୁ ଆନନ୍ଦର ସହ ପାଳନ କରୁଥିବାରୁ ଏହା ସମାଜରେ ସମାନତା ଏବଂ ଭ୍ରାତୃତ୍ୱ ଭାବକୁ ପ୍ରତିଫଳନ କରୁଛି । ପରସ୍ପରକୁ

ରଙ୍ଗ ବୋଳି ଏବଂ ମିଠା ଖୁଆଇ ହୋଲି ଅଭିନନ୍ଦନ ଆଦାନ ପ୍ରଦାନ କରୁଛନ୍ତି ।

ଏହି ପର୍ବ ପାଳନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଆନନ୍ଦର ପର୍ବ ହୋଲି ସାମାଜିକ ବନ୍ଧନକୁ ସୁଦୃଢ଼ କରିବା ସହ ସମସ୍ତଙ୍କ ମନରେ ଆଶାର ସଞ୍ଚାର କରିଥାଏ ବୋଲି ରାଷ୍ଟ୍ରପତି କହିଛନ୍ତି ।

ଲୋକସଭା ବାଚସ୍ପତି ଓମ୍ ବିର୍ଲା ମଧ୍ୟ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ପର୍ବ ସମାଜରେ ବିବିଧତା ମଧ୍ୟରେ ଏକତାର ବାର୍ତ୍ତା ପ୍ରଦାନ କରିଥାଏ ବୋଲି ସେ କହିଛନ୍ତି ।

## ବି.ଜେ.ପି. - ଓଡ଼ିଶା ଆର୍.ଏସ୍. ଇଲେକ୍ସନ

ଆଗାମୀ ରାଜ୍ୟସଭା ନିର୍ବାଚନପାଇଁ ଓଡ଼ିଶା ବି.ଜେ.ପି. ପକ୍ଷରୁ ଦୁଇ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ରାଜ୍ୟଶାଖା ସଭାପତି ମନମୋହନ ସାମଲ ଏବଂ ସୁଜିତ୍ କୁମାରଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି । ଖାଲି ପଡ଼ିବାକୁ ଯାଉଥିବା ୪ଟି ଆସନପାଇଁ ଆସନ୍ତାକାଲି ହେଉଛି ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ । ୬ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ୍ ସହିତ ୯ ତାରିଖରେ ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ କରାଯାଇଛି । ଆସନ୍ତା ୧୬

ତାରିଖରେ ୧୦ଟି ରାଜ୍ୟର ୩୭ଟି ରାଜ୍ୟସଭା ଆସନପାଇଁ ନିର୍ବାଚନ ଅନୁଷ୍ଠିତ ହେବ । ପୂର୍ବରୁ ବି.ଜେ.ଡି.' ସନ୍ତୃପ୍ତ ମିଶ୍ର ଏବଂ ଡକ୍ଟର ଦତ୍ତେଶ୍ୱର ହୋତାଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରିଛି । ସ୍ୱାଧୀନ ପ୍ରାର୍ଥୀ ଭାବେ ଦିଲୀପ ରାୟ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ଘୋଷଣା କରିଛନ୍ତି । ଶ୍ରୀ ରାୟଙ୍କୁ ବି.ଜେ.ପି. ସମର୍ଥନ ପ୍ରଦାନ କରୁଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି ।

## ସିନ୍ଧିଆ - ବାର୍ସେଲୋନା

ଯୋଗାଯୋଗ ବ୍ୟବସ୍ଥା ମାନବତାକୁ ସଶକ୍ତ କରିବା ସହିତ ସମାବେଶୀ ସମୃଦ୍ଧିକୁ ଅଧିକ ତ୍ୱରାନ୍ୱିତ କରିଥାଏ ବୋଲି ଯୋଗାଯୋଗ ଓ ଉତ୍ତର-ପୂର୍ବ କ୍ଷେତ୍ର ବିକାଶ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି । ସ୍ପେନ୍‌ର ବାର୍ସେଲୋନାଠାରେ ମୋବାଇଲ୍ ବିଶ୍ୱ କଂଗ୍ରେସ-୨୦୨୬ ସମ୍ମିଳନୀରେ ଭାରତର ପାଭିଲିୟନ୍‌କୁ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ସିନ୍ଧିଆ କହିଛନ୍ତି, ଭାରତ ବିଶ୍ୱପାଇଁ ଡିଜିଟାଲ୍ ସେତୁ ନିର୍ମାଣର ପ୍ରୟାସ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ଅଧୀନରେ ଟେଲି ଯୋଗାଯୋଗ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଘଟିଛି । ଗବେଷଣା, ସ୍ୱଦେଶୀ ଉତ୍ପାଦ, ବିକାଶ ତଥା ଟେଲିକମ୍ ଇକୋ ସିଷ୍ଟମ୍ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ

କରାଯାଇଛି । ଶ୍ରୀ ସିନ୍ଧିଆ କହିଛନ୍ତି, ଭାରତୀୟ ପାଭିଲିୟନ୍‌ରେ ଦେଶର ଉଦ୍ଭାବକଙ୍କ ଜ୍ଞାନ, ସୁରକ୍ଷିତ ନେଟ୍‌ୱାର୍କ ନିର୍ମାଣ ଏବଂ କୃତ୍ରିମ ବୁଦ୍ଧିମତ୍ତା ପରିଚାଳିତ ଟେଲିକମ୍ ଭିତ୍ତିଭୂମିକୁ ତ୍ୱରାନ୍ୱିତ କରିବ । ପାଭିଲିୟନ୍ ମୂଲ୍ୟ ଶୃଙ୍ଖଳରେ ୪୦ରୁ ଅଧିକ ଭାରତୀୟ ଟେଲିକମ୍ ଉଦ୍ଭାବକ ଏକତ୍ରିତ ହୋଇଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଧାରାବାହିକ କାର୍ଯ୍ୟକ୍ରମ 'ଆକାଶବାଣୀରେ ଲୋକଙ୍କ ପଦ୍ମ' ଶୀର୍ଷକ କାର୍ଯ୍ୟକ୍ରମରେ ଚଳିତବର୍ଷର ପଦ୍ମ ପୁରସ୍କାରପାଇଁ ମନୋନୀତ ସାନ୍ତାଳୀ ଲେଖକ ରବିଲାଲ୍ ଟୁଡୁଙ୍କ ସହ ସାକ୍ଷାତ୍‌କାର ପ୍ରଚାର କରାଯିବ । ଏହି ଧାରାବାହିକ କାର୍ଯ୍ୟକ୍ରମର ଏହା ହେଉଛି ଦ୍ୱିତୀୟ ସଂସ୍କରଣ । ସାହିତ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ଶ୍ରୀ ଟୁଡୁଙ୍କ ଅବଦାନ ଉପରେ ସାକ୍ଷାତ୍‌କାର କାର୍ଯ୍ୟକ୍ରମରେ ଆଲୋଚନା ହେବ । ଏହି ପୋଡ଼କାଷ୍ଟ କାର୍ଯ୍ୟକ୍ରମର ୧୦୦ ଦଶମିକ ୧ ଆକାଶବାଣୀ ଗୋଲ୍ଡ୍ ଚ୍ୟାନେଲ୍‌ରେ ସନ୍ଧ୍ୟା ୫ଟା ୧୦ ମିନିଟ୍‌ରେ ପ୍ରସାରଣ କରାଯିବ । news on air App ଏବଂ news on air official ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଏହି କାର୍ଯ୍ୟକ୍ରମ ପ୍ରଚାରିତ

ହେବ । ଆସନ୍ତାକାଲି ପୂର୍ବାହ୍ନ ୯ଟା ୧୦ ମିନିଟ୍‌ରେ କାର୍ଯ୍ୟକ୍ରମର ପୁନଃ ପ୍ରସାରଣ କରାଯିବ ।

## ଆଇ.ସି.ସି. - ଟି-ଟ୍ୱେଣ୍ଟି କ୍ରିକେଟ୍

ଆଇ.ସି.ସି. ପୁରୁଷ ବର୍ଗ ଟି-ଟ୍ୱେଣ୍ଟି କ୍ରିକେଟ ପ୍ରତିଯୋଗିତାରେ ସେମିଫାଇନାଲ୍ ପର୍ଯ୍ୟାୟ ମ୍ୟାଚ୍ ଆଜିଠାରୁ ଆରମ୍ଭ ହେଉଛି । କୋଲ୍‌କାତାର ଇଡେନ୍ ଗାର୍ଡେନଠାରେ ପ୍ରଥମ ସେମିଫାଇନାଲ୍‌ରେ ଦକ୍ଷିଣ ଆଫ୍ରିକା ଏବଂ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିବେ । ସନ୍ଧ୍ୟା ୭ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ ।

ଦ୍ୱିତୀୟ ସେମିଫାଇନାଲ୍‌ରେ ଆସନ୍ତାକାଲି ମୁମ୍ବାଇର ୱାଙ୍ଖେଡ଼୍ ଷ୍ଟାଡିୟମ୍‌ଠାରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଦୁଇଟିଯାକ ସେମିଫାଇନାଲ୍‌ର ବିଜେତାଙ୍କ ମଧ୍ୟରେ ଟାଇଟଲ୍ ହାସଲପାଇଁ ଆସନ୍ତା ୮ ତାରିଖ ରବିବାର ଦିନ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।

## ବ୍ୟାଡ୍‌ମିଣ୍ଟନ୍

ବର୍ମିଂହାମ୍‌ଠାରେ ଗତକାଲିଠାରୁ ଅଲ୍-ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ୍‌ସିପ୍ ପ୍ରତିଯୋଗିତା ଆରମ୍ଭ ହୋଇଛି । ପୁରୁଷ ଏକକ ବର୍ଗ ମ୍ୟାଚ୍‌ରେ ଲକ୍ଷ୍ୟ ସେନ୍ ବିଶ୍ୱର ଏକନମ୍ବର ଖେଳାଳି ତଥା ପୂର୍ବତନ ବିଜେତା ଚୀନ୍‌ର ସି ୟୁକି'ଙ୍କୁ ୨୩-୨୧, ୧୯-୨୧ ଏବଂ ୨୧-୧୭ ସେଟ୍‌ରେ ଗତ ସନ୍ଧ୍ୟାରେ ପରାସ୍ତ କରିଛନ୍ତି । ପରବର୍ତ୍ତୀ ମ୍ୟାଚ୍‌ରେ ହଂକଂ ପ୍ରତିଯୋଗୀଙ୍କୁ ଲକ୍ଷ୍ୟ ସେନ୍ ଭେଟିବେ ।

ମିଳିତ ବର୍ଗରେ ତନିଶା କ୍ରାଷ୍ଟୋ ଏବଂ ଧ୍ରୁବ କପିଳା ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ମାଲେସିଆ ଯୋଡ଼ିଙ୍କୁ ୨୧-୧୭ ଏବଂ ୨୧-୧୯ ସେଟ୍‌ରେ ପରାସ୍ତ କରି ଭାରତୀୟ ଯୋଡ଼ି ଦ୍ୱିତୀୟ ପର୍ଯ୍ୟାୟରେ ପହଞ୍ଚିଛନ୍ତି ।

*****